● ଏଚ୍ଆର୍ କନ୍‌କ୍ଲେଭ୍-ଆଇକେଏଏଆଇ ଆୟୋଜିତ

# ଦକ୍ଷ ମାନବ ସମ୍ବଳ ସୃଷ୍ଟି ଏକ ବଡ଼ ଆହ୍ୱାନ

ଭୁବନେଶ୍ୱର,୬ ।୫ (ସମିସ)

ଡାଇଭରସିଅସ୍ ଓ ପିଏନ୍‌ବି ଫାଉଣ୍ଡେସନ ପକ୍ଷରୁ ମିଳିତ ଭାବେ ଏଚ୍ଆର୍ କନକ୍ଲେଭ-ଆଇକେଏଏଆଇ ଅନୁଷ୍ଠିତ ହୋଇଛି। ଏହି କନକ୍ଲେଭରେ ଯୋଗଦେଇ ଡାଇଭରସିଅସ୍‌ର ପ୍ରତିଷ୍ଠାତା ଅର୍ଚ୍ଚନା ମିଶ୍ର କହିଛନ୍ତି ଯେ, ଅନେକ ସଂସ୍ଥା ନିଯୁକ୍ତି ପାଇଁ ପ୍ରସ୍ତୁତ ରହିଥିଲେ ମଧ୍ୟ ଦକ୍ଷ ପ୍ରାର୍ଥୀମାନଙ୍କର ବହୁମୁଖୀ ଶୃଙ୍ଖଳାକୁ ସନ୍ଧାନ କରିବା କଷ୍ଟକର ଥିଲା। ଡାଇଭରସିଅସ୍ ଏଭଳି ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟ କରୁଛି। ଦକ୍ଷ ଆଶାୟୀ ଓ ନିଯୁକ୍ତିଦାତାମାନଙ୍କ ମଧ୍ୟରେ ଥିବା ଅନ୍ତରକୁ ଦୂର କରିବା ଉଦ୍ଦେଶ୍ୟରେ ଆଇକେଏଏଆଇ ଗଠନ ହୋଇଛି। ସେହିଭଳି ଆକ୍ସିସ୍ ତୃଷ୍ଟି ସର୍ଭିସେସ୍‌ର ପରିଚାଳନା ନିର୍ଦ୍ଦେଶିକା ଦୀପା ରଥ କହିଥିଲେ ଯେ, ଏକ ସଙ୍ଗଠନର ଅଭିବୃଦ୍ଧି ପାଇଁ ଡିଇଆଇ(ଦକ୍ଷ, ବହୁମୁଖୀ, ସମାନ ଓ ସମାବେଶୀ)ର ଅନୁପାଳନ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଏହାକୁ ସବୁ ସଂସ୍ଥାରେ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯିବା ଦରକାର। ସେହିଭଳି କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ସହଭାଗିତା ସମ୍ପର୍କରେ ଉଲ୍ଲେଖ କରି ସେ କହିଥିଲେ ଯେ, ଯେ କୌଣସି ତାଲିକାଭୁକ୍ତ କମ୍ପାନୀର ବୋର୍ଡରେ ମହିଳା ନିର୍ଦ୍ଦେଶିକାମାନଙ୍କର ପ୍ରତିନିଧିତ୍ୱ ରହିବା ଏକାନ୍ତ ଆବଶ୍ୟକ। ତେବେ ସଂସ୍ଥାରେ ପ୍ରତିଭାବାନ କର୍ମଚାରୀଙ୍କର ସାମାଜିକ ଓ ଆର୍ଥିକ ସୁରକ୍ଷାର ଦାୟିତ୍ୱ ମାନବ ସମ୍ବଳ ଅଧିକାରୀଙ୍କ ଉପରେ ନ୍ୟସ୍ତ ରହିଥାଏ। ଦକ୍ଷ ମାନବସମ୍ବଳକୁ ନେଇ କମ୍ପାନୀ ଆଗକୁ ବଢ଼ିଥାଏ। କାର୍ଯ୍ୟକ୍ରମରେ ଦେଶର ବହୁ ପ୍ରତିଷ୍ଠିତ ସଂସ୍ଥାର ମାନବସମ୍ବଳ ଅଧିକାରୀମାନେ ଯୋଗଦେଇ ବର୍ତ୍ତମାନର ଆବଶ୍ୟକତା ଓ ତଦନୁଯାୟୀ ଦକ୍ଷତାର ସଠିକ ପରିଚାଳନା ସମ୍ପର୍କରେ ମତପୋଷଣ କରିଥିଲେ। ସେହିଭଳି ଏକ ନିରପେକ୍ଷ କାର୍ଯ୍ୟକ୍ଷେତ୍ର, ବହୁମୁଖୀ ମାନବ ସମ୍ବଳର ବିକାଶ, ବୃତ୍ତିଗତ ସନ୍ତୁଷ୍ଟି ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଅନେକ ତଥ୍ୟ ଓ ବିଚାର ପ୍ରଦାନ କରାଯାଇଥିଲା। ତେବେ ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଜେଲ୍ ଡିଜି ଆଇପିଏସ୍ ମନୋଜ ଛାବ୍ରା, ଆଇବିଏମ୍ କୋଲକାତାର ମାନବ ସମ୍ବଳ ଅଧିକାରୀ ପ୍ରଜ୍ଞା ମହାପାତ୍ର ଓ ଏକ୍ସଟ୍ରା ହପ୍‌ର ସିଟି ରଥ ପ୍ରମୁଖ ମାନବ ସମ୍ବଳ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋକପାତ କରିଥିଲେ।

